# NATIONAL NEWS BULLETIN (ODIA)

**17 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଇସିନା ଆଲୋଚନାର ଦଶମ ସଂସ୍କରଣକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ନକଲି ଭୋଟର ପରିଚୟ ପତ୍ର ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ପାଇଁ ଅନୁମତି ନଦେବାରୁ ରାଜ୍ୟସଭାରେ ବିରୋଧୀଦଳଙ୍କ କକ୍ଷତ୍ୟାଗ ।

- ଓ୍ୱାକଅଫ୍ ସଂଶୋଧନ ବିଲ୍ ଗରିବ ମୁସଲମାନଙ୍କ ସପକ୍ଷରେ ବୋଲି କହିଛନ୍ତି ଯୁଗ୍ମ ସଂସଦୀୟ କମିଟିର ଅଧ୍ୟକ୍ଷ ।

- ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥଗ୍ରହଣ କଲେ ଜଷ୍ଟିସ ଜୋୟମାଲ୍ୟା ବାଗ୍‌ଚୀ ।

ଏବଂ

- ରୁଷ୍‌ର ମିରା ଆନ୍ଦ୍ରିଭା ଇଣ୍ଡିଆନ୍ ଓ୍ୱେଲ୍ସ ଓପନରେ ହାସଲ କଲେ ମହିଳା ସିଙ୍ଗଲ୍ସ ଟାଇଟଲ ।

---

## ପି.ଏମ୍. ରାଇସିନା ଡାଏଲଗ୍

ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଇସିନା ଆଲୋଚନାର ଦଶମ ସଂସ୍କରଣ-୨୦୨୫କୁ ଉଦ୍‌ଘାଟନ କରିବେ । ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର ଲକ୍ସନ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବୋଧନ କରିବେ । ଏହି ତିନିଦିନିଆ ଆଲୋଚନା ବୈଠକ ଆସନ୍ତା ବୁଧବାର ପର୍ଯ୍ୟନ୍ତ ଚାଲିବ । ଚଳିତ ଥରର ବିଷୟବସ୍ତୁ ରହିଛି "କାଳଚକ୍ର - ପିପୁଲ୍, ପିସ୍ ଆଣ୍ଡ ପ୍ଲାନେଟ୍" । ବିଭିନ୍ନ ଦେଶର ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ଲକ୍ଷ୍ୟରେ ମତବିନିମୟ କରିବେ । ୬ଟି ପ୍ରସଙ୍ଗ ଉପରେ ଆଲୋଚନା ବୈଠକ ହେବାର କାର୍ଯ୍ୟସୂଚୀ ରହିଛି ।

ଏହି ବୈଠକରେ ୧୨୫ଟି ଦେଶର ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି । ଏଥିରେ ବିଭିନ୍ନ ରାଷ୍ଟ୍ରର ମୁଖ୍ୟ, ମନ୍ତ୍ରୀ ପରିଷଦର ସଦସ୍ୟ, ବିଶେଷଜ୍ଞ, ଗଣମାଧ୍ୟମ ପ୍ରତିନିଧି, ବ୍ୟାବସାୟିକ କ୍ଷେତ୍ରର ମୁଖ୍ୟ ପ୍ରମୁଖ ଅନ୍ତର୍ଭୁକ୍ତ । ଏଥିସହ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ସମଗ୍ର ବିଶ୍ୱର ବିଭିନ୍ନ କ୍ଷେତ୍ରର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେଉଛନ୍ତି । ରାଇସିନା ଆଲୋଚନାରେ ଅଂଶଗ୍ରହଣ କରିବାପାଇଁ ବିଭିନ୍ନ ଦେଶର ପ୍ରତିନିଧି ନୂଆଦିଲ୍ଲୀରେ ଆସି ପହଞ୍ଚିଥିବା ଜଣାପଡ଼ିଛି ।

## ଆର୍‌ଏସ୍-ଅପୋଜେସନ

ନକଲି ଭୋଟର ପରିଚୟ ପତ୍ର ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ପାଇଁ ଅନୁମତି ନଦେବାରୁ ରାଜ୍ୟସଭାରେ ଆଜି

ବିରୋଧୀଦଳ ମାନେ କକ୍ଷତ୍ୟାଗ କରିଛନ୍ତି । ଆଜି ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଉପାଧ୍ୟକ୍ଷ ହରିବଂଶ ବିରୋଧୀଦଳ ସାଂସଦଙ୍କ ଦ୍ୱାରା ଆଗତ ମୁଲତବୀ ନୋଟିସକୁ ପ୍ରତ୍ୟାଖାନ କରିଥିଲେ । ଏହାର ପ୍ରତିବାଦ କରି କଂଗ୍ରେସ, ଡିଏମ୍‌କେ, ତୃଣମୂଳ କଂଗ୍ରେସ, ଆର୍‌ଜେଡି, ବାମପନ୍ଥୀ ଦଳ ଓ ଆମ୍‌ଆଦ୍‌ମୀ ପାର୍ଟିର ସାଂସଦମାନେ ନକଲି ଭୋଟର ପରିଚୟପତ୍ର ପ୍ରଦାନ ଉପରେ ଆଲୋଚନା ଦାବିକରି ସ୍ଲୋଗାନ ଦେଇଥିଲେ । ହଟ୍ଟଗୋଳ ମଧ୍ୟରେ ଉପାଧ୍ୟକ୍ଷ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯିବାକୁ ଅନୁରୋଧ କରିଥିଲେ । ପରେ ବିରୋଧୀଦଳ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ ।

ପୂର୍ବରୁ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ ଆଜି ସୁସ୍ଥ ହେବା ପରେ ପୁଣିଥରେ ଦାୟିତ୍ୱ ତୁଲାଇଥିଲେ । ଗୃହର ନେତା ଜେ.ପି.ନଡ୍ଡା ଏବଂ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଶ୍ରୀ ଧନଖଡଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଥିଲେ ।

## ଏଲ୍‌ଏସ୍-ପେଣ୍ଡିଂ କେସେସ୍

କମ୍ପାନୀ ଅଧିନିୟମ ଏବଂ ଦେବାଳିଆପଣ ସଂହିତା ଅଧିନରେ ୨୦ହଜାରରୁ ଅଧିକ ମାମଲା ବିଚାରାଧୀନ ରହିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ଲୋକସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ କର୍ପୋରେଟ୍ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା କହିଛନ୍ତି ମାମଲା ଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରୁଛନ୍ତି । ସେ କହିଛନ୍ତି ଇ-କୋର୍ଟ ଓ ହାଇବ୍ରିଡ କୋର୍ଟ

ପ୍ରକଳ୍ପ କାର୍ଯ୍ୟକାରୀ କରିବା, ସେଥିରେ କାର୍ଯ୍ୟ କରୁଥିବା ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ ଆଲୋଚନା କରିବା ଓ ଖାଲି ପଡିଥିବା ପଦବୀ ପୂରଣ କରିବା କାର୍ଯ୍ୟ କରାଯାଉଛି ।

ଶ୍ରୀ ମାଲହୋତ୍ରା କହିଛନ୍ତି ଅନୁକୂଳ ବ୍ୟବସାୟିକ ବାତାବରଣ ସୃଷ୍ଟି କରିବା ଦିଗରେ ସରକାର ସହନଶୀଳ ନୀତି ଆପଣେଇଛନ୍ତି । କମ୍ପାନୀ ଅଧିନିୟମ ଏବଂ ଦେବାଳିଆପଣ ସଂହିତା ୨୦୧୬ ଭାରତକୁ ଯଥେଷ୍ଟ ସହାୟକ ହୋଇଛି, ଯାହାଫଳରେ ୨୦୧୮ରେ ୧୦୮ତମ ସ୍ଥାନରେ ଥିବା ଭାରତ ୨୦୧୯ରେ ୫୬ଟି ସୋପାନ ଅତିକ୍ରମ କରି ୫୨ତମ ସ୍ଥାନରେ ପହଞ୍ଚିଛି ।

## ଜଗଦମ୍ବିକା ପାଲ୍ ୱାକ୍‌ଅଫ

ୱାକଅଫ୍ ସଂଶୋଧନ ବିଲ୍ ଗରିବ ମୁସଲମାନଙ୍କ ସପକ୍ଷରେ ବୋଲି ଏହା ଉପରେ ଗଠିତ ଯୁଗ୍ମ ସଂସଦୀୟ କମିଟିର ଅଧ୍ୟକ୍ଷ ଜଗଦମ୍ବିକା ପାଲ କହିଛନ୍ତି । ସର୍ବଭାରତୀୟ ମୁସଲିମ ଲ' ବୋର୍ଡ ପକ୍ଷରୁ ୱାକ୍‌ଅଫ୍ ସଂଶୋଧନ ବିଲ୍‌କୁ ନେଇ ପ୍ରତିବାଦ ସମ୍ପର୍କରେ ଶ୍ରୀ ପାଲ ଗଣମାଧ୍ୟମକୁ କହିଛନ୍ତି, ସଂସଦରେ ୪୨୮ ପୃଷ୍ଠାର ରିପୋର୍ଟ ଉପସ୍ଥାପିତ ହୋଇଛି ଏବଂ ୱାକ୍‌ଅଫ୍ ବୋର୍ଡର ଉନ୍ନତି ପାଇଁ ଏଥିରେ ଆବଶ୍ୟକ ସଂଶୋଧନ ନିମନ୍ତେ ସୁପାରିଶ କରାଯାଇଛି । ସରକାରଙ୍କ ବିରୋଧରେ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ମିଥ୍ୟା ବୟାନ ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର ଚାଲିଥିବା ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ସରକାର ଏହି ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟିକୁ

ପଠାଇ ମୁସଲିମ ସଂଗଠନ ଏବଂ ଅନ୍ୟ ଅଂଶୀଦାରଙ୍କ ସହ ଆଲୋଚନା କରି ଏକ ନିରପେକ୍ଷ ଏବଂ ସନ୍ତୁଳିତ ଆଇନ୍ ପ୍ରଣୟନ ପାଇଁ ବ୍ୟବସ୍ଥା କରିଛନ୍ତି ।

**V/O-**

## ଜଷ୍ଟିସ ବାଗ୍‌ଚୀ ଓଥ୍

କଲିକତା ହାଇକୋର୍ଟର ବିଚାରପତି ଜଷ୍ଟିସ ଜୋୟମାଲ୍ୟା ବାଗ୍‌ଚୀଙ୍କୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସଂଜୀବ ଖାନ୍ନା ଆଜି ସୁପ୍ରିମକୋର୍ଟର ବିଚାରପତି ଭାବେ ଶପଥପାଠ କରାଇଛନ୍ତି । ସୁପ୍ରିମକୋର୍ଟ ପରିସରରେ ଅନୁଷ୍ଠିତ ଶପଥଗ୍ରହଣ ଉତ୍ସବରେ ସମସ୍ତ ବିଚାରପତି ଗଣ ଉପସ୍ଥିତ ଥିଲେ । ସୁପ୍ରିମକୋର୍ଟରେ ୩୪ଟି ଅନୁମୋଦିତ ବିଚାରପତି ପଦବୀ ରହିଥିବାବେଳେ ଜଷ୍ଟିସ ବାଗ୍‌ଚୀଙ୍କ ନିଯୁକ୍ତି ପରେ ଏହି ସଂଖ୍ୟା ୩୩ରେ ପହଞ୍ଚିଛି । ସୂଚନାଯୋଗ୍ୟ ଜଷ୍ଟିସ ଜୋୟମାଲ୍ୟା ବାଗ୍‌ଚୀ ୬ବର୍ଷରୁ ଅଧିକ ସମୟ ସର୍ବୋଚ୍ଚ ନ୍ୟାୟାଳୟରେ କାର୍ଯ୍ୟ କରିବେ ଏବଂ ଆଗାମୀ ଦିନରେ ସେ ଭାରତର ପ୍ରଧାନ ବିଚାରପତି ଭାବରେ ମଧ୍ୟ ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଶା କରାଯାଉଛି ।

## ନ୍ୟୁଜିଲାଣ୍ଡ ପି.ଏମ୍. ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଖ୍ରୀଷ୍ଟୋଫର ଲକ୍ସନ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା

କରିବେ । ଶ୍ରୀ ଲକ୍ସନ୍ ମଧ୍ୟ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଭାରତକୁ ୫ଦିନିଆ ଗସ୍ତରେ ଥିବା ଶ୍ରୀ ଲକ୍ସନ୍ ମୁମ୍ବାଇ ଗସ୍ତରେ ଯାଇ ବ୍ୟବସାୟୀ ଗୋଷ୍ଠୀଙ୍କ ସହ ମଧ୍ୟ ମତବିନିମୟ କରିବେ । ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ନୂତନ ପନ୍ଥା ନିର୍ଣ୍ଣୟ କରିବା ଶ୍ରୀ ଲକ୍ସନଙ୍କ ଭାରତ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଶ୍ରୀ ଲକ୍ସନ ଗତକାଲି ଆସି ପହଞ୍ଚିଛନ୍ତି । ତାଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳି ମଧ୍ୟ ଭାରତ ଗସ୍ତରେ ଆସିଛନ୍ତି ।

## ଦିଲ୍ଲୀ-ବାଂଲାଦେଶୀ ଆରେଷ୍ଟ

ଦିଲ୍ଲୀ ପୋଲିସ ଏକ ସ୍ୱତନ୍ତ୍ର ଅଭିଯାନରେ ୭ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିଛି । ପୂର୍ବ ଜିଲ୍ଲା ପୋଲିସ କମିଶନର ଅଭିଷେକ ଧନିଆ କହିଛନ୍ତି ଗିରଫ ହୋଇଥିବା ସମସ୍ତ ବାଂଲାଦେଶୀ ନାଗରିକ ଭାରତ-ବାଂଲାଦେଶ ସୀମା ନିକଟବର୍ତ୍ତୀ ନଦୀ ବାଟଦେଇ ଭାରତ ଆସିଥିଲେ ଏବଂ ସେମାନେ ଦିଲ୍ଲୀ ଏନ୍‌ସିଆର୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ରହୁଥିଲେ । ବିଦେଶୀ ଆଞ୍ଚଳିକ ପଞ୍ଜିକରଣ କାର୍ଯ୍ୟାଳୟ ସହାୟତାରେ ସେମାନଙ୍କୁ ବାଂଲାଦେଶ ପଠାଇବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେମାନେ କହିଛନ୍ତି ।

# ନାସା-ୟୁଏସ୍ ଆଷ୍ଟ୍ରନର

ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୯ମାସରୁ ଅଧିକ ସମୟ ଧରି ଅଟକି ରହିଥିବା ୨ଜଣ ମହାକାଶଚାରୀ ଆସନ୍ତାକାଲି ରାତିରେ ପୃଥିବୀକୁ ଫେରିବେ । ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋରଙ୍କ ସହ ଅନ୍ୟଜଣେ ଆମେରିକୀୟ ମହାକାଶଚାରୀ ଏବଂ ଆଉଜଣେ ରୁଷ୍ ମହାକାଶଚାରୀ ସ୍ପେସ୍ଏକ୍ସ କ୍ରୁ ଡ୍ରାଗନରେ ପ୍ରତ୍ୟାବର୍ତ୍ତନ କରିବେ । ବୋଇଂ ଷ୍ଟାରଲାଇନର ମହାକାଶଯାନରେ ତ୍ରୁଟି ଦେଖାଦେବା ଯୋଗୁଁ ଏହି ମହାକାଶଚାରୀମାନଙ୍କୁ ଫେରାଇ ଆଣିବା ଲାଗି ବିଳମ୍ବ ଘଟିଥିଲା ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଜନ୍ମଗତ ତ୍ରୁଟି ଏବଂ ତତ୍‌ସଂକ୍ରାନ୍ତ ସମସ୍ୟା** ଶୀର୍ଷକ ଆଲୋଚନା ପ୍ରଚାରଣ କରାଯିବ । ଏମ୍ସ ନୂଆଦିଲ୍ଲୀର ଶିଶୁ ଅସ୍ତ୍ରୋପଚାର ବିଭାଗର ପ୍ରଫେସର ଡାକ୍ତର ପ୍ରବୁଧ ଗୋୟଲ ଏବଂ ନୂଆଦିଲ୍ଲୀସ୍ଥିତ ସ୍ୱାମୀ ଦୟାନନ୍ଦ ହସ୍ପିଟାଲ୍ ଶିଶୁବିଭାଗ ମୁଖ୍ୟ ଡାକ୍ତର ସୁରେନ୍ଦ୍ର ସିଂହ ବିଷ୍ଟ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-

୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air officialରେ ଏହା ଉପଲବ୍ଧ ହେବ।

## ଟେନିସ୍-ଇଣ୍ଡିଆ ୱେଲ୍ସ ଓପନ

ଆମେରିକାର କାର୍ଲ୍ସଫର୍ଣ୍ଣିଆରେ ଚାଲିଥିବା ଇଣ୍ଡିଆନ୍ ୱେଲ୍ସ ଓପନରେ ରୁଷ୍‌ର ମିରା ଆନ୍ଦ୍ରିଭା ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି । ଏହି ୧୭ବର୍ଷୀୟ ରୁଷ୍ ଦେଶର ଖେଳାଳି ଗତକାଲି ଫାଇନାଲରେ ବିଶ୍ୱର ଏକନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଆରିନା ସାବାଲେଙ୍କାଙ୍କୁ ୨-୬, ୬-୪, ୬-୩ ସେଟ୍‌ରେ ପରାସ୍ତ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ନବମ ମାନ୍ୟତା ପାଇଥିବା ଆନ୍ଦ୍ରିଭା ଦ୍ୱିତୀୟଥର ପାଇଁ ମହିଳା ଟେନିସ ଆସୋସିଏସନର ହଜାରେତମ ଟାଇଟଲ ହାସଲ କରିଛନ୍ତି । ଗତମାସରେ ଦୁବାଇ ଡିଉଟି ଫ୍ରି ଟେନିସ୍ ଚାମ୍ପିୟନସିପରେ ଆନ୍ଦ୍ରିଭା ପ୍ରଥମ ଟାଇଟଲ ହାସଲ କରିଥିଲେ । ୧୯୯୯ରେ ସେରେନା

ୱିଲିୟମ୍ସଙ୍କ ପରେ ଆନ୍ଦ୍ରିଭା ସର୍ବକନିଷ୍ଠ ଇଣ୍ଡିଆନ୍ ୱେଲ୍ସ ଓପନ ଚାମ୍ପିୟନ ହୋଇଥିଲେ ।

ପୁରୁଷ ସିଙ୍ଗଲ୍ସରେ ଜ୍ୟାକ୍ ଡ୍ରାପର ପ୍ରଥମ ମାଷ୍ଟର୍ସ ୧ହଜାର ଟାଇଟଲ ହାସଲ କରିଛନ୍ତି । ୨୩ବର୍ଷୀୟ ବ୍ରିଟେନ ଖେଳାଳି ଡ୍ରାପର ଫାଇନାଲ ମ୍ୟାଚ୍‌ରେ ଡେନମାର୍କର ହୋଲଗର ରୁନେଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି ।